# ଶ୍ରୀମନ୍ଦିର ସମାଚାର

SHREE JAGANNATHA TEMPLE ADMINISTRATION
Puri, Odisha

## SHREE JAGANNATH TEMPLE BULLETIN

ସେପ୍ଟେମ୍ବର-୨୦୨୨ September-2022


## ଶ୍ରୀମନ୍ଦିରରେ ବିଜୟା ଦଶମୀ (ଦଶହରା) ଓ ଆୟୁଧ ପୂଜା

ଆଶ୍ୱିନ ଶୁକ୍ଳ ଦଶମୀରେ ଭଗବତୀ (ବିଜୟା)ଙ୍କ ନାମରେ ବିଜୟା ଦଶମୀ ଅନୁଷ୍ଠିତ ହୁଏ । ଏହି ଦିନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଅତ୍ୟାଚାରୀ ଦଶାନନ ରାବଣର ବଧ କରିଥିଲେ । ଉକ୍ତ ତିଥିରେ ଦେବୀ ଅପରାଜିତାଙ୍କ



ସହ ଜୟା ଏବଂ ବିଜୟାଙ୍କ ପୂଜନ ସହ ଆୟୁଧ ପୂଜା କରାଯାଏ । ବୃହତ୍ସାର ସିଦ୍ଧାନ୍ତରେ ଉଲ୍ଲେଖ ଅଛି-

ଆଶ୍ୱିନସ୍ୟ ସିତେ ପକ୍ଷେ ନାନାବିଧମହୋତ୍ସବୈଃ ।
ପ୍ରସାଦୟେୟୁଃ ଶ୍ରୀଦୁର୍ଗାଂ ଚତୁବର୍ଗଫଳାର୍ଥିନଃ ।।

ଶ୍ରୀମନ୍ଦିରରେ ଉକ୍ତ ତିଥିରେ ବିଶେଷ ନୀତିଗୁଡ଼ିକ ଅନୁଷ୍ଠିତ ହୁଏ । ଏହି ଦିନ ଅବକାଶ ନୀତି ଶେଷ ହୋଇ ତିନି ବାଡ଼ରେ ଚନ୍ଦନ ଲାଗି, ନୂତନ ବସ୍ତ୍ର ଲାଗି ତଥା ୩୨ ମୂର୍ତ୍ତି ସ୍ୱର୍ଣ୍ଣାଳଙ୍କାରରେ ବିଭୂଷିତ କରି ଶ୍ରୀବିଗ୍ରହମାନଙ୍କୁ ରାଜବେଶରେ ଅଳଙ୍କରଣ ପୂର୍ବକ ପାଞ୍ଚଖଣ୍ଡ ଆଜ୍ଞାମାଳ ଲାଗି କରାଯାଏ । ତତ୍ପରେ ଗୋପାଳବଲ୍ଲଭ ଏବଂ ସକାଳ ଧୂପ ଶେଷ ହେବା ପରେ ଭଣ୍ଡାର ଦ୍ୱାର ଠାରେ ପୂଜାପଣ୍ଡା ସେବକ ଆୟୁଧମାନଙ୍କୁ ମହାସ୍ନାନ କରି ବରୁଣ ପୂଜା କରିବା ପରେ ସହସ୍ରକୁମ୍ଭ ଅଭିଷେକ ନୀତି ହୋଇଥାଏ । ତିନିଗୋଟି ରୂପା ଥାଳିଆରେ ଛଅଜଣ ମେକାପ ସେବକ ହଳ, ମୂଷଳ, ତଡ଼ଗୀ, ଶଙ୍ଖ, ଚକ୍ର, ଆୟୁଧଗୁଡ଼ିକୁ ସ୍ଥାପନକରି ତଳୁଛ ଏବଂ ପ୍ରଧାନୀଙ୍କ ସହ ହାତ ପଇଠ ହୋଇ ଘଣ୍ଟ ଛତ୍ର ସହ ପଟୁଆରରେ ଶ୍ରୀମନ୍ଦିରକୁ ତ୍ରିବାର ପରିକ୍ରମା କରନ୍ତି । ଏହାପରେ ତିନିଜଣ ପାଳିଆ ପୁଷ୍ପାଳକ ତିନି ବାଡ଼ରେ ଯଥାକ୍ରମେ ଶ୍ରୀ ବଡ଼ଠାକୁରଙ୍କ ବାଡ଼ରେ ହଳମୂଷଳ, ଦେବୀ ସୁଭଦ୍ରାଙ୍କ ବାଡ଼ରେ ତଡ଼ଗୀ ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାଡ଼ରେ ଶଙ୍ଖ, ଚକ୍ର ଆୟୁଧମାନ ଲାଗି କରାଇଥାନ୍ତି ।

ବିଜୟାଦଶମୀ ଉପଲକ୍ଷ୍ୟେ ଶ୍ରୀମଦନମୋହନ, ଶ୍ରୀରାମ, ଶ୍ରୀକୃଷ୍ଣଙ୍କର ଶ୍ରୀଜଗନ୍ନାଥବଲ୍ଲଭ ମଠସ୍ଥିତ ଦଶହରା ପଦାକୁ ବିଜେ ନିମିତ୍ତ ଦକ୍ଷିଣି ଘରେ ବୀରବେଶରେ ସୁସଜ୍ଜିତ ହୁଅନ୍ତି । ରତ୍ନସିଂହାସନ ଉପରେ ଆଳତି ବଢ଼ିବା ପରେ ଦକ୍ଷିଣି ଘରୁ ଉକ୍ତ ତିନିମୂର୍ତ୍ତି ଏବଂ ଭଣ୍ଡାର ଘରେ ରୁନ୍ଧା ହୋଇ ରହିଥିବା ଶ୍ରୀଦୁର୍ଗାମାଧବ ରତ୍ନସିଂହାସନକୁ ବିଜେ କଲାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକଙ୍କ ଦ୍ୱାରା ତିନି ବାଡ଼ରେ ମଙ୍ଗଳାପର୍ଣ୍ଣ ନୀତି ଅନୁଷ୍ଠିତ ହୋଇଥାଏ । ତତ୍ପରେ ପାଞ୍ଚ ଚଳନ୍ତି ପ୍ରତିମାଙ୍କୁ ପୂଜାପଣ୍ଡା ପାଞ୍ଚଖଣ୍ଡ ଆଜ୍ଞାମାଳ ପ୍ରଦାନ କରିବା ପରେ ମହାଜନ ସେବକଗଣ ହସ୍ତରେ ପ୍ରତିମାମାନଙ୍କୁ ଜଗମୋହନ ଦେଇ ବିଜେ କରାଇ ବଟମୂଳେ ସ୍ଥିତ ପାଲିଙ୍କିରେ ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ, ବିମାନରେ ଶ୍ରୀମଦନମୋହନଙ୍କୁ ଏବଂ ରଥ ଉପରେ ଶ୍ରୀଦୁର୍ଗାମାଧବଙ୍କୁ ବିଜେ କରାଇଥାନ୍ତି । ଚଳନ୍ତି ପ୍ରତିମାମାନଙ୍କର ରୁନ୍ଧା ବଢ଼ିବା ପରେ ବିମାନବଡୁ ସେବକମାନେ ଶ୍ରୀଜଗନ୍ନାଥବଲ୍ଲଭ ମଠର ଦଶହରା ମହାଖଳାକୁ ବିଜେ କରାଇଥାନ୍ତି । ସେଠାରେ ପ୍ରସାଦ ଲାଗି ଶୀତଳଭୋଗ ଓ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥାଏ । ତତ୍ପରେ ଚଳନ୍ତି ପ୍ରତିମାମାନଙ୍କର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହୋଇଥାଏ । ରତ୍ନସିଂହାସନରେ ଶ୍ରୀମାଧବ,



ଦକ୍ଷିଣିଘରେ ଶ୍ରୀମଦନମୋହନ, ଶ୍ରୀରାମ, ଶ୍ରୀକୃଷ୍ଣ ଏବଂ ଭଣ୍ଡାର ଘରକୁ ଦୁର୍ଗା ଠାକୁରାଣୀ ବିଜେ ହୋଇଥାନ୍ତି, ଏହାପରେ ଶ୍ରୀମନ୍ଦିରରେ ଯଥାବିଧି ଅନ୍ୟାନ୍ୟ ନୀତିଗୁଡ଼ିକ ସମ୍ପନ୍ନ ହୋଇଥାଏ ।


*ସମ୍ପାଦକ- ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ*

● *ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ରାଧାଷ୍ଟମୀରେ ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ :

ତା ୪.୯.୨୨ରିଖ ରବିବାର ଶ୍ରୀରାଧାଷ୍ଟମୀ ଉପଲକ୍ଷେ ସକାଳଧୂପ ସରିଲା ପରେ ଶ୍ରୀଦେବୀ ଆଜ୍ଞାମାଳ ପାଇ ପାଲିଙ୍କିରେ ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ



ପଡ଼ିଥିବା ଖଟକୁ ବିଜେ କରିଥିଲେ । ଏଠାରେ ମାଜଣା ବଢ଼ି ଶୀତଳ ଭୋଗ, ବନ୍ଦାପନା ହୋଇଥିଲା ଏବଂ ମଧ୍ୟାହ୍ନ ଧୂପ ଛେକ ଆସିଲା ପରେ ଶ୍ରୀଦେବୀ ବାହୁଡ଼ା ବିଜେ ହୋଇ ସିଂହାସନରେ ଶ୍ରୀଅଙ୍ଗଲାଗି ହୋଇଥିଲେ । ମଧ୍ୟାହ୍ନ ଧୂପ ସମାପନ ପରେ ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ ହୁଅନ୍ତେ ଶ୍ରୀସୁଦର୍ଶନ ଆଜ୍ଞାମାଳ ପାଇ ଦଇତାପତିମାନଙ୍କ ଦ୍ୱାରା ଜଗମୋହନରେ ରହିଥିବା ଚ଼ଉଦୋଳକୁ ଆସିଥିଲେ । ପତନି, ହରିଡ଼ାମାଳି, କମରପଟି ଓ ଦୟଣା ମାଳି ଲାଗି ବଢ଼ିଲା ପରେ ଚୂଳ ଲାଗି ହୋଇଥିଲା । ତତ୍‌ପରେ ବିମାନବଡ଼ୁ ସେବକମାନଙ୍କ ଦ୍ୱାରା ଚଉଦୋଳରେ ଜମ୍ବେଶ୍ୱରଙ୍କ ଜହ୍ନିମୁଣ୍ଡିଆକୁ ବିଜେ ହୋଇଥିଲେ । ଏହିଠାରେ ଜମ୍ବେଶ୍ୱର ମହାଦବଙ୍କ ପକ୍ଷରୁ ଜନୈକ ପୂଜାପଣ୍ଡା ଶ୍ରୀମନ୍ଦିରର ବାର୍ଷିକ ଆୟବ୍ୟୟ ପଢ଼ିବାର ପରମ୍ପରା ରହିଛି । ଏହି ଦିନ ଶ୍ରୀସୁଦର୍ଶନ ଦେବ କଣ୍ଡୁ ଓ ଭୃଗୁ ଆଶ୍ରମକୁ ବିଜେ କରିଥିଲେ । ସେଠାରେ ପ୍ରସାଦ ଲାଗି, ଶୀତଳଭୋଗ, ବନ୍ଦାପନା ବଢ଼ିଲା ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ଏହାପରେ ପାଣିପଡ଼ି ୪ ବାଡ଼ ମହାସ୍ନାନ ୪ ଜଣ ପୂଜାପଣ୍ଡାଙ୍କ ଦ୍ୱାରା ହେବା ପରେ ସନ୍ଧ୍ୟାଧୂପ ମଧ ୪ ବାଡ଼ରେ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାଧୂପ ପରେ ଶ୍ରୀସୁଦର୍ଶନଙ୍କୁ ପ୍ରସାଦ ଲାଗି ହୋଇଥିଲା । ଭୋଗ ସରିଲା ପରେ ୪ ବାଡ଼ରେ ବନ୍ଦାପନା ନୀତି ହୋଇଥିଲା ।

## ଶ୍ରୀମନ୍ଦିରରେ ସୁନିଆଁ ଓ ଶ୍ରୀବାମନ ଜନ୍ମ :

ତା ୭.୯.୨୨ରିଖ ବୁଧବାର ସୁନିଆଁ ତଥା ଶ୍ରୀବାମନ ଜନ୍ମ ନିମନ୍ତେ ସକାଳ ଧୂପ ସରିଲା ପରେ ମହାସ୍ନାନ, ସର୍ବାଙ୍ଗ ପରେ ପବିତ୍ରା ଲାଗି ହୋଇଥିଲା । ବେଶ ବଢ଼ିଲା ପରେ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା । ଟେରା ପଡ଼ିବା ପରେ



ଜୟବିଜୟ ଦ୍ୱାର ବନ୍ଦ ହୋଇ ମୁରୁଜରେ ମଣ୍ଡଳ ପଡ଼ିଥିଲା । ମୁଦିରସ୍ତ ଧଣ୍ଡି ପ୍ରସାଦ ଲାଗି କଲା ପରେ ବାମନ (କୃଷ୍ଣ) ମଣ୍ଡଳକୁ ଆସିଥିଲେ । ବଣିଆ ସେବକ ଦେଇଥିବା ସୁନା ବାମନ ପ୍ରତିମାଙ୍କ ନିକଟରେ ବରୁଣ ପୂଜା, ବ୍ରହ୍ମାବରଣ ଶେଷ ହୋଇ ଖଣ୍ଡୁଆ ଘୋଡ଼ାଇ ଜନ୍ମ ବିଧି ହୋଇଥିଲା । ଏହାପରେ କ୍ଷୀର, ସର, ଲହୁଣୀ ଭୋଗ ହୋଇ ସୋମନାଥ (ମାଜଣା) ମଣ୍ଡପ ଖଟକୁ ବିଜେ କରିଥିଲେ । ପରେ ଭଣ୍ଡାରରୁ ପତିମହାପାତ୍ର ରୂପାବଟାରେ ଶ୍ରୀଦୁର୍ଗା ଦେବୀଙ୍କୁ ସୋମନାଥ ମଣ୍ଡପରେ ବିଜେ କରାଇଥିଲେ । ଏଠାରେ ବସୁଧାର ଯଜ୍ଞପବିତ୍ରା ପରେ ଶୀତଳ ଭୋଗ, ବନ୍ଦାପନା ହୋଇ ବାହୁଡ଼ା ବିଜେ କରିଥିଲେ । ତତ୍‌ପରଦିନ ଅର୍ଥାତ୍ ତା ୮.୯.୨୨ ରିଖ ଗୁରୁବାର ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଶ୍ରୀଜଗନ୍ନାଥଙ୍କର 'ବାମନ ବେଶ' ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ଶ୍ରୀମନ୍ଦିରରେ ଇନ୍ଦ୍ରଧ୍ୱଜ ପୂଜା ଓ ଗରୁଡ଼ ପାର୍ଶ୍ୱପରିବର୍ତ୍ତନ ନୀତି ଅନୁଷ୍ଠିତ ହୋଇଥିଲା ।

## ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ରହାତୀ ପ୍ରସ୍ତାବ:

ତା ୧୦.୯.୨୨ରିଖ ଶନିବାର ଇନ୍ଦ୍ରୋତ୍ସବ ପୂର୍ଣ୍ଣମୀ ଅବସରରେ ସନ୍ଧ୍ୟା ଆଳତି ପରେ ଶ୍ରୀଦୋଳଗୋବିନ୍ଦ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ହୋଇ ବଡ଼ଛତା ମଠ ନିକଟରେ ବିଜେ କରିଥିଲେ । ସେଠାରେ ଶୀତଳ ଭୋଗ ହେବା ପରେ ଭିତରଛ ମହାପାତ୍ର ଇନ୍ଦ୍ର, ଚ଼ନ୍ଦ୍ର, ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ । ବାସେଳୀ ସାହିରୁ 'ଇନ୍ଦ୍ରହାତୀ' ଆସି ନୀତି ସମାପପନ କରିଥିଲେ ।

## ଶ୍ରୀମନ୍ଦିରରେ ସହସ୍ରାକୁମ୍ଭାଭିଷେକ, ଦେବୀ ଉତ୍ଥାପନ, ମୂଳାଷ୍ଟମୀ, ଦ୍ୱିତୀୟା ଓଷା ଏବଂ ଷୋଡ଼ଶଦିନାତ୍ମିକ ପୂଜାରାମ୍ଭ:

ତା ୧୭.୯.୨୨ରିଖ ଶନିବାର ଶ୍ରୀମନ୍ଦିରରେ ଦୁର୍ଗାଙ୍କର ସହସ୍ରାକୁମ୍ଭାଭିଷେକ ନୀତି ଯଥାରୀତି ଅନୁଷ୍ଠିତ ହୋଇଯାଇଛି । ଏହି ଦିନ ସକାଳଧୂପ ସରିଲା ପରେ ଭଣ୍ଡାରରୁ ଦୁର୍ଗା ଦେବୀ ସିଂହାସନକୁ ବିଜେ ହେଲାପରେ ଆଜ୍ଞାମାଳ ପାଇ ସୋମନାଥ (ମାଜଣା) ମଣ୍ଡପ ଖଟକୁ ବିଜେ ହୋଇଥିଲେ । ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ, ଆଚାର୍ଯ୍ୟ, ବ୍ରହ୍ମାବରଣ ହୋଇ ଦୁର୍ଗାଦେବୀଙ୍କୁ ୧୦୦୦ ଗରା ଜଳ ଲାଗି ପରେ ଶ୍ରୀଅଙ୍ଗ ପୋଛା ଯାଇ ବେଶ ହୋଇଥିଲେ । ପରେ ପାଣି ପଡ଼ି ଶୀତଳ ଭୋଗ ବଢ଼ା ହେଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ସାରିବା ପରେ ବନ୍ଦାପନା ନୀତି ବଢ଼ିଥିଲା । ଏହାପରେ ବାହୁଡ଼ା ବିଜେ ହୋଇ ଭଣ୍ଡାର ଦୁଆରକୁ ବିଜେ ହୋଇଥିଲେ । ପରେ ମାଧବ ଆଜ୍ଞାମାଳ ପାଇ ଭଣ୍ଡାର ଦୁଆରକୁ ଆସିବା ପରେ କୋଠ ସୁଆଁସିଆ ଯୋଗାଇଥିବା ଭଦ୍ରାସନରେ ଉଭୟ ଦେବଦେବୀ ଏକତ୍ର ରୁନ୍ଧା ହୋଇଥିଲେ । ଏହି ଦିନ ଶ୍ରୀମନ୍ଦିରରେ ସ୍ୱତନ୍ତ୍ରଭାବେ ଦ୍ୱିତୀୟା ଓଷା ପାଳନ କରାଯାଇଥିଲା । ଉକ୍ତ ଦିନ ସକାଳ ଧୂପ ସରିଲା ପରେ ଶ୍ରୀଦେବୀ ମହାପ୍ରଭୁଙ୍କର ଆଜ୍ଞାମାଳ ପାଇ ସାତପାହାଚ ଠାରେ ଥିବା ପାଲିଙ୍କିକୁ ବିଜେ ହୋଇଥିଲେ । ସେଠାରୁ ବିମାନବଡ଼ୁମାନଙ୍କ ଦ୍ୱାରା ଲକ୍ଷ୍ମୀ ମନ୍ଦିର ଜଗମୋହନରେ ପଡ଼ିଥିବା ଖଟକୁ ବିଜେ ହୋଇଥିଲେ । ସେଠାରେ ମାଜଣା, ବନକଲାଗି, ମାଳଫୁଲ ଲାଗି ହୋଇ ବେଶବଢ଼ି କର୍ପୂର ଲାଗି ହୋଇଥିଲା । ଏହା ପରେ ପାଣି ପଡ଼ି ଭୋଗ, ବନ୍ଦାପନା ହୋଇ 'ଲକ୍ଷ୍ମୀବ୍ରତ କଥା ପଠନ' ପୂଜାପଣ୍ଡା କରିଥିଲେ । ପରେ ମଧ୍ୟାହ୍ନ ଧୂପ ଛେକ ଛାମୁକୁ ଆସିବାରେ ଶ୍ରୀଦେବୀ ବାହୁଡ଼ା ବିଜେ ହୋଇ ସିଂହାସନକୁ ବିଜେ କରିଥିଲେ । ସୂଚନାଯୋଗ୍ୟ, ଉକ୍ତ ଦିନ ପ୍ରଥମେ ଆଜ୍ଞାମାଳ ପାଇ ଶ୍ରୀଦେବୀ ବିଜେ ହୋଇଥିଲେ । ପରେ ଦୁର୍ଗାମାଧବ ଆଜ୍ଞାମାଳ ପାଇ ବିମଳା ମନ୍ଦିରକୁ ଯାଇଥିଲେ । ଏହିଦିନ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ବିମଳାଙ୍କ ସମେତ ଅନ୍ୟ ଦେବୀମାନଙ୍କର 'ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ' ହୋଇଥିଲା । ବିମଳାଙ୍କ ନିକଟରେ ସହସ୍ରକୁମ୍ଭ ଅଭିଷେକ ହୋଇଥିଲା । ଏହିଦିନ ସକାଳ ଧୂପ ସରିଲା ପରେ ବିମଳାଙ୍କ ମନ୍ଦିରରେ ବରୁଣ ପୂଜା ହୋଇ ବ୍ରହ୍ମାବରଣ, ଆଚାର୍ଯ୍ୟ ବରଣ, ସ୍ୱସ୍ତିବାଚନ ହୋଇଥିଲା । ଚ଼ଣ୍ଡୀ ବରଣ ପରେ ସଂକଳ୍ପ ହୋଇ ପାଣିପଡ଼ି ଛାମୁରେ ଭୋଗ ବଢ଼ାଯାଇଥିଲା । ପୂଜକ ଷୋଡ଼ଶ ଉପଚାରରେ ମଣୋହି କରିଥିଲେ । ଉକ୍ତ ଭୋଗରେ କୋଠଭୋଗ, ମହାପ୍ରସାଦ ପିଷ୍ଟକମାନ, ଥାଳି ଖେଚେଡ଼ି ପୂଜାସହ ବିମ୍ବଳୀ ବଢ଼ା ଯାଇଥିଲା । ଘଣ୍ଟ, ଛତା, କାହାଳୀସହ ବାଜୁଥିଲା । ଭୋଗ ସରିଲା ପରେ କର୍ପୂର ଆଳତି, ୨୧ ବତୀ ଆଳତି ବଢ଼ିଥିଲା । ଏହାପରେ ଦୁର୍ଗାମାଧବ ସିଂହାସନରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବିମଳାଙ୍କ ମନ୍ଦିର ନିକଟକୁ ଆସିବା ପରେ ଭିତରଛ ମହାପାତ୍ର ଜଳ ଲାଗି କରିଥିଲେ । ପରେ ଭିତରେ ପଡ଼ିଥିବା ଖଟକୁ ଦୁର୍ଗାମାଧବ ବିଜେ ହେଲା ପରେ ପାଣିପଡ଼ି ଶୀତଳଭୋଗ ହୋଇ ବନ୍ଦାପନା ହୋଇଥିଲା । ଏହିପରି ତିନି ଧୂପ ସରିଲା ପରେ ରାତ୍ର ବଡ଼ସିଂହାରର ଚନ୍ଦନଲାଗି ସରିଲାପରେ, ଦୁର୍ଗାମାଧବ ଚନ୍ଦନଲାଗି ହୋଇ ବଡ଼ସିଂହାର ବେଶ ଏବଂ ଭୋଗ ପରେ ବାହୁଡ଼ା ବିଜେ ହୋଇ ଭଣ୍ଡାର ଦୁଆରେ ଖଟକୁ ବିଜେ ହୋଇଥିଲେ ।

ଉଲ୍ଲେଖଯୋଗ୍ୟ, ଏହିପରି ପ୍ରଥମ ଆଠଦିନ ଦୁର୍ଗାମାଧବ ବିମଳା ମନ୍ଦିରକୁ ପାଲିଙ୍କିରେ ବିଜେ ହେଉଥିବାରେ ପର ଆଠ ଦିନରେ ରଥରେ ବିଜେ ହୋଇ ଦୋଳମଣ୍ଡପ ସାହି 'ନାରାୟଣୀ ମନ୍ଦିର'କୁ ବିଜେ ହୁଅନ୍ତି ।

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୨) ରାମ ଓ କୃଷ୍ଣ

ଶ୍ରୀମନ୍ଦିରର ଦକ୍ଷିଣ ଘରେ ବିଜେ କରିଥିବା ବିଜେ ପ୍ରତିମା ରାମ ଓ କୃଷ୍ଣଙ୍କର ଶ୍ରୀଗୁଣ୍ଡିଚା ଯାତ୍ରାରେ ସ୍ୱତନ୍ତ୍ର ଭୂମିକା ରହିଅଛି । ପବିତ୍ର ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେଉଥିବା ଶ୍ରୀଗୁଣ୍ଡିଚା ଯାତ୍ରାରେ ଶ୍ରୀମନ୍ଦିରରୁ ଠାକୁରମାନେ ବଡ଼ଦାଣ୍ଡରେ ସୁସଜ୍ଜିତ ତିନିରଥକୁ ଧାଡ଼ି ପହଣ୍ଡିରେ ଯାଇଥାନ୍ତି । ସର୍ବପ୍ରଥମେ ଶ୍ରୀସୁଦର୍ଶନଦେବ, ଦେବୀ ସୁଭଦ୍ରାଙ୍କର ଦର୍ପଦଳନ ରଥରେ ବିଜେ କରନ୍ତି । ଏହାପରେ ବଡ଼ଠାକୁର ଶ୍ରୀବଳଭଦ୍ର ତାଳଧ୍ୱଜ ରଥକୁ, ଦେବୀ ସୁଭଦ୍ରା ଦର୍ପଦଳନ ରଥକୁ ଓ ଶ୍ରୀଜଗନ୍ନାଥ ନନ୍ଦିଘୋଷ ରଥକୁ ବିଜେ କରନ୍ତି । ଠାକୁରମାନେ ତିନିରଥକୁ ବିଜେ କଲେ ତିନିଠାକୁରଙ୍କ ଚକାଅପସର ଅଣାଯାଏ ଓ ଚକାଅପସର ଲାଗି ହୋଇ ରୁନ୍ଧା ବଢ଼େ । ତାହାପରେ ଦକ୍ଷିଣ ଘରୁ ଶ୍ରୀମଦନମୋହନ, ରାମ ଓ କୃଷ୍ଣଙ୍କୁ ଅଣାଯାଇ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯିବା ପରେ ପଟୁଆରରେ ପାଲିଙ୍କି ବଡ଼ ଠାକୁରଙ୍କ ରଥ ସମ୍ମୁଖକୁ ଆସେ । ରାମ ଓ କୃଷ୍ଣ ବଡ଼ବାଡ଼ ରଥରେ ବିଜେ କଲାପରେ ପାଲିଙ୍କି ଶ୍ରୀଜଗନ୍ନାଥଙ୍କ ରଥ ନିକଟକୁ ନିଆଯାଏ । ଶ୍ରୀମଦନମୋହନ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ବିଜେ କରନ୍ତି । ପାରମ୍ପରିକ ବିଧି ଅନୁଯାୟୀ ରଥ ଟଣା ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରଠାରେ ଲାଗେ । ତିନିରଥ ଲାଗିବା ପରଦିନ ନିର୍ଦ୍ଧାରିତ ସମୟରେ ଠାକୁରମାନଙ୍କ ଗୋଟି ପହଣ୍ଡି ପୂର୍ବରୁ ସର୍ବପ୍ରଥମେ ଶ୍ରୀମଦନମୋହନ, ରାମ ଓ କୃଷ୍ଣଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନିଆଯାଏ । ଏହି ତିନି ବିଜେ ପ୍ରତିମା ଶ୍ରୀଗୁଣ୍ଡିଚା ମନ୍ଦିରରେ ଏକସପ୍ତାହ ପର୍ଯ୍ୟନ୍ତ ଅବସ୍ଥାନ କରନ୍ତି । ବାହୁଡ଼ା ଯାତ୍ରା ଦିନ ମଙ୍ଗଳାର୍ପଣ ବଢ଼ି ଡୋରଲାଗି ଓ ପୁଷ୍ପାଞ୍ଜଳି ପରେ ବିଜେ କାହାଳୀ ବାଜିଲେ ଧାଡ଼ି ପହଣ୍ଡି ବିଧିରେ ଠାକୁରମାନଙ୍କର ପହଣ୍ଡି ଆରମ୍ଭ ହୋଇଥାଏ । ଠାକୁରମାନେ ରଥରେ ବସି ରୁନ୍ଧା ବଢ଼ିଲେ ଭଣ୍ଡାର ଘରୁ ଶ୍ରୀମଦନମୋହନ, ରାମ ଓ କୃଷ୍ଣ ହାତରେ ବିଜେ ହୋଇ ଆସି ତାଳଧ୍ୱଜ ରଥରେ ରାମ ଓ କୃଷ୍ଣ, ନନ୍ଦିଘୋଷ ରଥରେ ଶ୍ରୀମଦନମୋହନ ବିଜେ କରନ୍ତି । ରଥଗୁଡ଼ିକ ଟଣାଯାଇ ସିଂହଦ୍ୱାରରେ ଲାଗିଲେ ବାହୁଡ଼ାଯାତ୍ରା ପରଦିନ ରଥ ଉପରେ ସୁନାବେଶ ଓ ତା'ପରଦିନ ଅଧରପଣା ନୀତି ସମ୍ପନ୍ନ ହୋଇଥାଏ । ଅଧରପଣା ନୀତି ସରିବା ପରଦିନ ଠାକୁରମାନେ ନୀଳାଦ୍ରିକୁ ବିଜେ କରିଥାନ୍ତି । ନୀଳାଦ୍ରି ବିଜେ ଦିନ ତିନି ରଥରେ ଶ୍ରୀବିଗ୍ରହମାନଙ୍କର ସନ୍ଧ୍ୟାଧୂପ ନୀତି ସରିବା ପରେ ପ୍ରତି ରଥରେ ଘରମାଳ ବନ୍ଧା ଯାଇଥାଏ । ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଡୋରଲାଗି ନୀତି ସମ୍ପନ୍ନ ହୁଏ । ସର୍ବପ୍ରଥମେ ମହାଜନ ସେବକମାନେ ଶ୍ରୀମଦନମୋହନ, ରାମ ଓ କୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣିଘରକୁ ବିଜେ କରାଇଥାନ୍ତି । ତାହାପରେ ଗୋଟି ପହଣ୍ଡି କ୍ରମରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କୁ ରତ୍ନ ସିଂହାସନକୁ ନିଆଯାଏ । ପ୍ରତିବର୍ଷ ରଥଯାତ୍ରା ସମୟରେ ଦାରୁବିଗ୍ରହମାନଙ୍କ ସହିତ ରଥାରୂଢ଼ ହୋଇ ଦୁଇ ଚଳନ୍ତି ପ୍ରତିମା ରାମ ଓ କୃଷ୍ଣ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି ଓ ସେଠାରେ ସାତଦିନ ଅବସ୍ଥାନ କରି ପୁନଶ୍ଚ ରଥାରୂଢ଼ ହୋଇ ସିଂହଦ୍ୱାରକୁ ପ୍ରତ୍ୟାବର୍ତ୍ତନ କରି ନୀଳାଦ୍ରିବିଜେ ଦିନ ପୁନଶ୍ଚ ଦକ୍ଷିଣି ଘରକୁ ବାହୁଡ଼ି ଯାଇଥାନ୍ତି ।



ଶ୍ରୀମନ୍ଦିରରେ ଚୈତ୍ର ଶୁକ୍ଳ ଦ୍ୱାଦଶୀ ତିଥିରେ କନ୍ଦର୍ପପଟ୍ଟାଧିବାସ, ତ୍ରୟୋଦଶୀ ତିଥିରେ ଦୟଣାଚୋରି ଓ ଚତୁର୍ଦ୍ଦଶୀ ତିଥିରେ ଦୟଣାଲାଗି ଉତ୍ସବ ବିଧି ଅନୁଯାୟୀ ସମ୍ପାଦନ କରାଯାଇଥାଏ । ତ୍ରୟୋଦଶୀ ଦିନ ମଧ୍ୟାହ୍ନ ଧୂପ ସରିବା ପରେ ଆଜ୍ଞାମାଳ ପାଇ ରାମ ଓ କୃଷ୍ଣ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରନ୍ତି । ତାଙ୍କ ସହ କନ୍ଦର୍ପପଟି ଆସିଥାଏ । ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ହୋମ, ଭୋଗ, ବନ୍ଦାପନା ଓ ଚାମର ଆଲଟ ନୀତି ସମ୍ପାଦିତ ହୁଏ । ଏହାପରେ ରାମ ଓ କୃଷ୍ଣ ନିଃଶବ୍ଦରେ ଦମନକ ଉଦ୍ୟାନକୁ ଗଲାପରେ ଭିତରଚ୍ଛ ମହାପାତ୍ର ସେବକ ରାମ ଓ କୃଷ୍ଣଙ୍କ ହାତରେ ଦୁଇଗଛ ଦୟଣା ଲାଗି କରନ୍ତି । ଅବଶିଷ୍ଟ ଚୋରିଗଛ ଦୟଣାକୁ ପତ୍ରି ନୂଆ ତାଡ଼ରେ ଖଣ୍ଡୁଆ ଘୋଡ଼ାଇ ଠାକୁରଙ୍କ ସଙ୍ଗରେ ଶ୍ରୀମନ୍ଦିରକୁ ଆଣିଥାନ୍ତି । ହାନ୍ଦୋଳା ସାଡ଼ମ୍ବରରେ ଶ୍ରୀମନ୍ଦିର ମଧ୍ୟସ୍ଥ ବଟବୃକ୍ଷ ମୂଳକୁ ପ୍ରତ୍ୟାବର୍ତ୍ତନ କଲାପରେ ଗରୁଡ଼ଦ୍ୱାର ଠାରୁ ଦୟଣାଗୁଡ଼ିକୁ ପୂର୍ବରୁ ପରିଶୁଦ୍ଧ କରାଯାଇଥିବା ବାଲୁକା ବେଦୀଯୁକ୍ତ ବିମଣ୍ଡିତ ଭୋଗମଣ୍ଡପ ଗୃହକୁ ନିଆଯାଏ । ଏହାପରେ ରାମ ଓ କୃଷ୍ଣ ଦକ୍ଷିଣିଘରକୁ ବିଜେ କରିଥାନ୍ତି । ଏ ସମ୍ବନ୍ଧରେ ବାମଦେବସଂହିତାରେ ଉଲ୍ଲେଖ ରହିଛି-

ପ୍ରାସାଦଂ ପ୍ରତିଷ୍ଠନୀୟ ସ୍ୱସ୍ଥାନେ ରାମକୃଷ୍ଣକୌ ।  
ରକ୍ଷେଚ୍ଚ ପୂର୍ବଦିଗ୍‌ଭାଗେ ପ୍ରାସାଦସ୍ୟ ବିଭୂଷିତେ ॥  
ସୈକତେନ ଗୃହଂ କୁର୍ଯ୍ୟାତ୍ ସ୍ଥାପୟିତ୍ୱା ଚ ତାନ୍ ଦ୍ରୁମାନ୍ ।  
ଗନ୍ଧପୁଷ୍ପାର୍ପଣଂ ତତ୍ର ବସ୍ତ୍ରୈରାଚ୍ଛାଦୟେତ୍ ପ୍ରିୟେ ॥

ଭିତରେ ଠାକୁରମାନଙ୍କର ବଡ଼ସିଂହାର ଭୋଗ ସରିଲେ ଶ୍ରୀମଦନମୋହନ ସିଂହାସନକୁ ବିଜେ କରନ୍ତି । ଏହାପରେ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଆଜ୍ଞାମାଳ ପାଇ ଭୋଗମଣ୍ଡପ ଘରକୁ ଆସି ପୂର୍ବରୁ ପକାଯାଇଥିବା ଶେଯ ଉପରେ ବିଜେ କରନ୍ତି । ସେଠାରେ ରାମ ଓ କୃଷ୍ଣଙ୍କ ହାତରେ ଲାଗି ହୋଇଥିବା ଦୟଣା ଗଛ ଦୁଇଟିକୁ ଶ୍ରୀମଦନମୋହନଙ୍କୁ ସମର୍ପଣ କରାଯାଏ । ଅନ୍ୟ ଦୟଣାଗୁଡ଼ିକର ଅଧିବାସ କରାଯିବା ପରେ ଭୋଗ ବଢ଼ି ଭୋଗମଣ୍ଡପ ଦ୍ୱାର ବନ୍ଦ କରାଯାଏ । ଏହାପରେ ବଡ଼ସିଂହାର ଭୋଗ ସରିବା ପରେ ପହୁଡ଼ ନୀତି ଅନୁଷ୍ଠିତ ହୁଏ । (କ୍ରମଶଃ...)

ଡକ୍ଟର ନରେଶ ଚନ୍ଦ୍ର ଦାଶ  
● ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ



ତା ୧୪.୯.୨୨ରେ ନୀଳାଦ୍ରି ଭକ୍ତନିବାସ ଠାରେ  
ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ ଚିକିତ୍ସା ଶିବିର

# ଶ୍ରୀଜଗନ୍ନାଥଙ୍କର ସେବକଗଣ

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

ଶ୍ରୀମନ୍ଦିରର ସେବକମାନଙ୍କର ନିଜ ନିଜ କାର୍ଯ୍ୟ ଦୃଷ୍ଟିରୁ ପୃଥକ୍ ପୃଥକ୍ ନାମ ଅଛି । ପୁଣି କେତେକ ପ୍ରକାରର ସେବା ଗୋଟିଏ ପ୍ରକାରର ହୋଇଥିବାରୁ ସେହି ସେବକମାନଙ୍କର ଗୋଟିଏ ଗୋଟିଏ ନିଯୋଗ ରହିଛି ଓ ଏହିପରି ମନ୍ଦିରରେ ଛତିଶଟି ନିଯୋଗ ଥିବାର ପରମ୍ପରା ରହିଛି । ରାଜା ଅନଙ୍ଗ ଭୀମ ଦେବ ଛତିଶା ନିଯୋଗ ସୃଷ୍ଟି କରିଥିବାର ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । ପାଟଯୋଷୀ ମହାପାତ୍ର ଏହି ଛତିଶା ନିଯୋଗର ନାୟକ ଅଟନ୍ତି । ସେ ସବୁ ନିଯୋଗର ଅନ୍ତର୍ଭୁକ୍ତ ସେବାୟତମାନଙ୍କର କାର୍ଯ୍ୟ ଦେଖନ୍ତି । ମନ୍ଦିରର ପୁରୋହିତ ରଥ ପ୍ରତିଷ୍ଠା, ସ୍ତୋତ୍ରପାଠ ପ୍ରଭୃତି କେତେକ ବୈଦିକ କର୍ମ କରନ୍ତି ।



ଭିତରଛ ମହାପାତ୍ର ଓ ତଳିଛ ମହାପାତ୍ର ନାମକ ସେବକ ଯଥାକ୍ରମେ ପ୍ରତିଦିନ ଭୋରରୁ ମନ୍ଦିରର ଦ୍ୱାର ଫିଟାଇବା ଓ ରାତିରେ ଦ୍ୱାର ମୁଦ ଦେବା କାମ କରିବା ସଙ୍ଗେ ସଙ୍ଗେ ମନ୍ଦିର ଭିତରର ପୂଜାସ୍ଥଳୀ, ରୋଷଘର ତଥା ସାରା ମନ୍ଦିରର ପବିତ୍ରତା ଓ ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଅନ୍ତି । ପୂଜାପଣ୍ଡାମାନେ ବିଭିନ୍ନ ନୀତିରେ ଚତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥ ଓ ଅନ୍ୟ ଦେବ ଦେବୀମାନଙ୍କର ପୂଜା, ହୋମ, ପ୍ରତିଷ୍ଠାଦି କର୍ମ କରନ୍ତି । ଜଗନ୍ନାଥଙ୍କର ପୂଜାପଦ୍ଧତି ବହୁ କାଳରୁ ବୈଦିକ ଓ ତାନ୍ତ୍ରିକ ରୀତିର ମିଶ୍ରଣରେ ସ୍ୱତନ୍ତ୍ର ରୂପରେ ଚାଲି ଆସିଛି । ପୁଷ୍ପାଳକ (ସିଂହାରୀ) ମାନେ ଶ୍ରୀବିଗ୍ରହମାନଙ୍କୁ ବେଶ ଓ ଆଳତି, ବନ୍ଦାପନା କରନ୍ତି । ଖୁଣ୍ଟିଆମାନେ ଶ୍ରୀବିଗ୍ରହଙ୍କର ଶ୍ରୀଅଙ୍ଗ ରକ୍ଷା କରନ୍ତି ଓ ପ୍ରତିହାରୀମାନେ ଦ୍ୱାର ରକ୍ଷା କରନ୍ତି । ମେକାପମାନେ ବିଭିନ୍ନ ଦ୍ରବ୍ୟର ଭଣ୍ଡାର ଦାୟିତ୍ୱରେ ରହନ୍ତି । ଆଉ କେତେ ପ୍ରକାର ସେବକ ବିଭିନ୍ନ ପ୍ରକାର ଦ୍ରବ୍ୟ ଯୋଗାଇବାର ଦାୟିତ୍ୱ ବୁଝନ୍ତି । କରଣମାନେ ମନ୍ଦିରର ସମସ୍ତ ପ୍ରକାର ହିସାବ ରଖନ୍ତି । ଏହି ସେବକମାନେ ମଧ୍ୟ ବିଭିନ୍ନ ପ୍ରକାରର ।

ସ୍କନ୍ଦପୁରାଣରେ ସ୍ୱୟଂ ଜଗନ୍ନାଥ ଶବର ବିଶ୍ୱାବସୁ ଓ ବ୍ରାହ୍ମଣ ବିଦ୍ୟାପତିଙ୍କର ବଂଶଧରମାନଙ୍କୁ ଭବିଷ୍ୟତ ସେବାରେ ନିଯୁକ୍ତ କରିବାକୁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଆଦେଶ ଦେଇଥିବା ଉଲ୍ଲେଖ ଅଛି । ଦେଉଳତୋଳା ଅନୁସାରେ ଦଇତା ସେବକମାନେ ଶବର ବଂଶଧର, ପତି ମହାପାତ୍ର ବିଦ୍ୟାପତିଙ୍କର ବ୍ରାହ୍ମଣ ବଂଶଧର ଓ ସୁଧ ସୁଆର ବିଦ୍ୟାପତି-ଲଳିତାଙ୍କର ବଂଶଧର ଅଟନ୍ତି । ନବକଳେବର ଓ ଅନବସର ସମୟରେ ଏମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସ୍ନାନଯାତ୍ରା ଓ ରଥଯାତ୍ରା ସମୟରେ ଏମାନଙ୍କର ସ୍ୱତନ୍ତ୍ର ଅଧିକାର ରହିଛି ।

ପ୍ରାୟ ୧୨୦ ପ୍ରକାର ସେବା ମନ୍ଦିରରେ ରହିଥିବାର ସ୍ୱତ୍ୱଲିପିରୁ ଜଣାଯାଏ । ଏହିପରି ଜଗନ୍ନାଥ ମନ୍ଦିରର ସବୁ ସେବକ ଅତି ପବିତ୍ର ଓ ନିଷ୍ଠାପର ଭାବରେ ସେମାନଙ୍କର କାର୍ଯ୍ୟ ସଂପାଦନ କରନ୍ତି ।

## ମନ୍ଦିରର ଶିଳ୍ପକଳା

ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଓଡ଼ିଶାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଶିଳ୍ପକଳାର ଏକ ଅପୂର୍ବ ନିଦର୍ଶନ । ବହୁ ଶତାବ୍ଦୀର ଜ୍ଞାନ ଓ ଅଭ୍ୟାସରୁ ଏହି ଉତ୍ତୁଙ୍ଗ ଚିତ୍ତାକର୍ଷକ ମନ୍ଦିର ଜନ୍ମ ନେଇଛି । ଶିଳ୍ପଶାସ୍ତ୍ରର ଆଲୋଚକମାନେ ପ୍ରକାଶ କରନ୍ତି ଯେ ପ୍ରଥମେ ଏହି ମନ୍ଦିରର ବିମାନ ଓ ଜଗମୋହନ (ମୁଖଶାଳା) ନିର୍ମାଣ କରାଯାଇଥିଲା ଓ ପରେ ଆଉ ଦୁଇଗୋଟି ଗୃହ ତାହା ସହିତ ଯୋଗ କରାଯାଇଛି । ମାଦଳାପାଞ୍ଜି ଅନୁସାରେ, ସୂର୍ଯ୍ୟବଂଶୀ ଗଜପତି ରାଜା ପୁରୁଷୋତ୍ତମ ଦେବ ଭୋଗମଣ୍ଡପ ନିର୍ମାଣ କରାଇଥିଲେ । ବର୍ତ୍ତମାନର ନାଟମନ୍ଦିର (ଜଗମୋହନ ନାମରେ ପରିଚିତ) କେତେ ଆଲୋଚକଙ୍କ ମତରେ ଭୋଗମଣ୍ଡପର ପରବର୍ତ୍ତୀ ଓ ଆଉ କେତେକଙ୍କ ମତରେ ପୂର୍ବବର୍ତ୍ତୀ ।

ଭୁବନେଶ୍ୱର ଓ କୋଣାର୍କ ପରି ପୁରୀର ପୁରୁଷୋତ୍ତମ ମନ୍ଦିରର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଶିଳ୍ପ କଳା ଅତୀବ ଚିତ୍ତାକର୍ଷକ । ଏପରିକି ବହୁ କ୍ଷେତ୍ରରେ ତାହା ଅଧିକ ଉନ୍ନତ । କିନ୍ତୁ ସେହି ଶିଳ୍ପକଳାର ପ୍ରସ୍ତରଗୁଡ଼ିକ ଲବଣାକ୍ତ ବାୟୁ ଯୋଗୁଁ ନଷ୍ଟ ହୋଇଯିବା ହେତୁ ତହିଁ ଉପରେ ଚୂନର ବହଳିଆ ପ୍ଲାଷ୍ଟର ଦିଆଯାଇଥିଲା । କିନ୍ତୁ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ସେହି ଚୂନଛଡ଼ା ହେବାରୁ ପୁରୀ ମନ୍ଦିରର ଶିଳ୍ପକଳା ଦର୍ଶକମାନଙ୍କର ଦୃଷ୍ଟିଗୋଚର ହେଉଅଛି ।

(କ୍ରମଶଃ...)

● *(ସୌଜନ୍ୟ- ଶ୍ରୀକ୍ଷେତ୍ର ପରିଚୟ (ପୁସ୍ତକ), ଶ୍ରୀମନ୍ଦିର ପ୍ରକାଶନ, ପୁରୀ)*

**ଜାଣିବା କଥା ...**

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ମହାପ୍ରଭୁଙ୍କୁ ଲାଗି ହେଉଥିବା ଭୋଗସାମଗ୍ରୀ ଭିତରେ 'ଚ଼କଟା ଭୋଗ'ର ମହତ୍ତ୍ୱ କ'ଣ ?

ଉ - ଶ୍ରୀମନ୍ଦିରରେ ଅଣସର ସମୟରେ ରାଘବ ଦାସ ମଠରୁ ଆସିଥିବା ଧୂଆଁମୁଗ ଓ ପଣସ ପ୍ରତ୍ୟେହ ବଡ଼ସିଂହାର ବେଶ ପରେ ଓ ପହୁଡ଼ ପୂର୍ବରୁ ଅଣସର ଠାକୁରଙ୍କୁ ଲାଗି ହୁଏ ।

୨. ପ୍ର - ଶ୍ରୀମନ୍ଦିରରେ 'ଚ଼କା' କ'ଣ ଗୁରୁତ୍ୱ ବହନ କରିଥାଏ?

ଉ - ଚ଼କଡା, ଗୋଲାକାର ପଦାର୍ଥର ଅଧିକୃତ ସ୍ଥାନ । ବସିବା ନିମନ୍ତେ ଚ଼କ୍ରାକାର ପୀଢ଼ା । ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ନାନ ପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ଯେଉଁ ଗୋଲ ପଥରରେ ବସି ସ୍ନାନ କରନ୍ତି । ଏତଦ୍ ବ୍ୟତୀତ ଅଣସର ଘରେ ଏବଂ ରଥ ଉପରେ ମଧ୍ୟ ଚ଼କା ଉପରେ ଅବସ୍ଥାନ କରିଥାନ୍ତି । ରତ୍ନସିଂହାସନ ତଥା ଆଡ଼ପ ମଣ୍ଡପସ୍ଥ ସିଂହାସନ ଉପରେ ଶ୍ରୀଜଗନ୍ନାଥ ଚ଼ତୁର୍ଦ୍ଧା ବିଗ୍ରହଙ୍କ ବିଜେ ମଧ୍ୟ ଚ଼କା ଉପରେ ହୋଇଥାଏ ।

୩. ପ୍ର - ଶ୍ରୀମନ୍ଦିରର ସେବକ ପରମ୍ପରାରେ 'ଚ଼କା ଅପସର ସେବକ'ଙ୍କ ଭୂମିକା କ'ଣ ?

ଉ - ଶ୍ରୀମନ୍ଦିରର ଏକ ସେବକ ସମ୍ପ୍ରଦାୟ । ଯେଉଁମାନେ ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ଦରଜି ତିଆରି କରିଥିବା ଅପସର ବା ତକିଆ ବ୍ୟବହାର ପାଇଁ ସ୍ନାନମଣ୍ଡପକୁ ନେବେ ଓ ଠାକୁର ଫେରି ଆସିଲେ ସେମାନେ ଆଣି ଗାରଦରେ ଫେରସ୍ତ ରଖିବେ । ଦରଜିମାନେ ନୂତନ କନାରେ ନିର୍ମାଣ କରି ଏହି ତକିଆଗୁଡ଼ିକୁ ଅଣସର ପିଣ୍ଡିରେ ବିଜେ କରିଥିବା ଠାକୁରମାନଙ୍କୁ ବ୍ୟବହାର କରିବା ପାଇଁ ନେତ୍ରୋତ୍ସବ ପୂର୍ବଦିନ ଦଇତାଙ୍କୁ ଦିଅନ୍ତି । ପୁନରାୟ ଶ୍ରୀଗୁଣ୍ଡିଚ଼ା ଦିନ ବିଗ୍ରହ ରଥକୁ ବିଜେ ହେବା ପରେ ତକିଆମାନଙ୍କୁ ରଥରେ ଦେବେ ।

୪. ପ୍ର - ଶ୍ରୀମନ୍ଦିରରେ 'ଚ଼କା ଅପସର' କହିଲେ କ'ଣ ବୁଝାଯାଏ ?

ଉ - ଶ୍ରୀମନ୍ଦିରରେ ଚ଼ତୁର୍ଦ୍ଧାମୂର୍ତ୍ତିଙ୍କ ଚ଼କରେ ଲାଗି ଥିବା ଗଦି ।

୫. ପ୍ର - ଶ୍ରୀମନ୍ଦିରରେ 'ଚ଼କ୍ରଦିହୁଡ଼ି' କହିଲେ କ'ଣ ବୁଝାଯାଏ ?

ଉ - ମସାଲ ଠାକୁରଙ୍କ ବିଜେ ଯାତ୍ରାରେ ଯାଉଥିବା ମସାଲ ବା ଦିହୁଡ଼ି ।

୬. ପ୍ର - ଶ୍ରୀମନ୍ଦିରରେ 'ଚ଼କ୍ର ମଣୋହି' କହିଲେ କ'ଣ ବୁଝାଯାଏ ?

ଉ - ଶ୍ରୀମନ୍ଦିରରେ କୌଣସି କାରଣରୁ ନୀଳଚ଼କ୍ରରେ ଧ୍ୱଜା ନଥିଲେ ଶ୍ରୀଜଗନ୍ନାଥଙ୍କୁ କୌଣସି ଭୋଗ ଅର୍ପଣ କରାଯାଏ ନାହିଁ । ଶ୍ରୀମନ୍ଦିରରେ କୌଣସି କାରଣରୁ ଶ୍ରୀବିଗ୍ରହମାନଙ୍କୁ ଭୋଗ ସମର୍ପଣ ହୋଇ ନପାରିଲେ ପୂଜକ ନୀଳଚ଼କ୍ରଙ୍କ ଉଦ୍ଦେଶ୍ୟରେ ନୀଳଚ଼କ୍ରକୁ ଦେଖାଇ ସମର୍ପଣ କରାଯାଏ । ଏହାକୁ ଚ଼କ୍ର ମଣୋହି କୁହାଯାଏ ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

## ପରିଶିଷ୍ଟ - 'ଗ'

ପୂର୍ବ ପ୍ରକାଶିତ ଉତ୍ତାରୁ ....

### (୩) ଜୁଡ଼ିସିଆଲ୍ ପ୍ରୋସିଡିଂ - ଅଗଷ୍ଟ ୧୮୮୬

ଓଡ଼ିଶାର କମିଶନର୍ ସି.ଟି.ମେଟାକାଲଫେ. ଏସ୍‌ସ୍କୋୟାର, ସି.ଏସ୍.ଆଇ.ଙ୍କ ଠାରୁ ବଙ୍ଗଳା ସରକାରଙ୍କ ସାଧାରଣ ବିଭାଗ ସଚିବଙ୍କୁ ଲିଖିତ ଚିଠି ।

ନଂ-୨୬୬ ଏଲ୍.ଏଫ୍. କଟକ, ଜୁଲାଇ ୧୫

ମୁଁ ସମ୍ମାନନୀୟ ସରକାରଙ୍କ ଅବଗତି ଓ ବିଚାର ନିମନ୍ତେ, ପୁରୀ ଜିଲ୍ଲାପାଳଙ୍କ ଠାରୁ ପ୍ରାପ୍ତ ହୋଇଥିବା ରଥଯାତ୍ରା ବିଷୟରେ ଏକ କୌତୂହଳପ୍ରଦ ଘଟଣା । ଉପସ୍ଥାପନ କରୁଅଛି । ରଥଟାଣିବା ପାଇଁ ତୀର୍ଥଯାତ୍ରୀମାନଙ୍କର ଅଭାବ ବିଗତ କିଛି ବର୍ଷରେ ପରିଲକ୍ଷିତ ହୋଇଅଛି । ଯେଉଁ ମୁହୂର୍ତ୍ତରେ ରଥଗୁଡ଼ିକ ଗଡ଼ିବାକୁ ଆରମ୍ଭ କରୁଛି, ସେହି ମୁହୂର୍ତ୍ତରେ ଯାତ୍ରୀମାନେ ସେ ସ୍ଥାନ ପରିତ୍ୟାଗ କରିବାକୁ ଆରମ୍ଭ କରୁଛନ୍ତି । ମନ୍ଦିର ଭିତରୁ ଠାକୁରମାନେ ବାହାରି ରଥ ଉପରକୁ ବିଜେ କରିବା ସଙ୍ଗେ ସଙ୍ଗେ ତୀର୍ଥଯାତ୍ରୀମାନଙ୍କର ଆଗ୍ରହ ଓ ଉତ୍‌କଣ୍ଠାର ପରିସମାପ୍ତି ଘଟିବା ଭଳି ଅନୁଭୂତ ହେଉଛି ।



ରଥ ଟାଣିବାର ଦାୟିତ୍ୱ ମନ୍ଦିର କର୍ତ୍ତୃପକ୍ଷଙ୍କର,ଏହା ନିଃସନ୍ଦେହରେ କୁହାଯାଇପାରେ । ବିଶେଷତଃ ବାହୁଡ଼ା ଯାତ୍ରା ସମୟରେ ବିଗତ କିଛି ବର୍ଷ ଧରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓ ପରିଚାଳନାରେ ରଥ ଟଣାଯାଉଛି । ଠାକୁରମାନଙ୍କୁ ମନ୍ଦିରକୁ ଫେରାଇ ଆଣିବାର ଦାୟିତ୍ୱ ନେବା ସର୍ତ୍ତରେ ଅନେକ ଲୋକଙ୍କୁ ବଂଶାନୁକ୍ରମିକ ଅନୁଦାନ ସ୍ୱରୂପ ଜମି ଦିଆଯାଇଛି । କିନ୍ତୁ ଏହି ଲୋକମାନେ ତାଙ୍କ କର୍ତ୍ତବ୍ୟରେ ଅବହେଳା କରୁଥିବା ଯୋଗୁଁ ଜିଲ୍ଲାପାଳଙ୍କୁ ପୋଲିସମାନଙ୍କ ସାହାଯ୍ୟରେ ରଥ ଟାଣିବାକୁ ପଡୁଛି । ସେହି ଲୋକମାନଙ୍କୁ ଜବରଦସ୍ତ ଧରି ଆଣି ତାଙ୍କର କର୍ତ୍ତବ୍ୟ ପାଳନ କରାଇବାର କାର୍ଯ୍ୟ ପୋଲିସ୍‌ର ନୁହେଁ ବୋଲି ନିଶ୍ଚିତ ଭାବରେ କୁହାଯାଇପାରେ । ପ୍ରତ୍ୟେକ ବର୍ଷ ପରୱାନା ଯୋଗାଇବାର ଯେଉଁ ବ୍ୟବସ୍ଥା କରାଯାଉଛି, ତାହାକୁ ବନ୍ଦ କରିଦେବା ଉଚିତ୍ ଏବଂ ମନ୍ଦିର କର୍ତ୍ତୃପକ୍ଷ ତାଙ୍କ ନିଜ ବ୍ୟବସ୍ଥା ନିଜେ କରିବା ଉଚିତ୍ । କେବଳ ଶାନ୍ତି ଶୃଙ୍ଖଳା ଓ ଜନଜୀବନର ସୁରକ୍ଷା ପୋଲିସର କର୍ତ୍ତବ୍ୟ ଅଟେ ।●

(ଅନୁବାଦିତ)

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

ଐତିହ୍ୟ ପୃଷ୍ଠାରୁ ...

## ଭାଗବତର ଟୀକାକୁ ମହାପ୍ରଭୁଙ୍କ ସ୍ୱୀକୃତି

ଶ୍ରୀଜୟଦେବଙ୍କ ଲିଖିତ 'ଶ୍ରୀଗୀତଗୋବିନ୍ଦ' ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଗାୟନ ହେବ ନାଁ ଗଜପତି ପୁରୁଷୋତ୍ତମଙ୍କ ଲିଖିତ 'ଅଭିନବ ଗୀତଗୋବିନ୍ଦ ଗାୟନ ହେବ, ଏହାକୁ ନେଇ ଏକ ରୋଚକ ଐତିହ୍ୟ ଅଛି । ଏହିପରି ଆଉ ଏକ ଆକର୍ଷଣୀୟ ଐତିହ୍ୟ ରହିଛି ଶ୍ରୀଧରସ୍ୱାମୀଙ୍କ ଲିଖିତ ଶ୍ରୀମଦ୍ ଭାଗବତର 'ଭାବାର୍ଥ ଦୀପିକା ଟୀକାକୁ ନେଇ ।



ଶ୍ରୀଧରସ୍ୱାମୀଙ୍କ ଜନ୍ମ ୧୩୨୫ ମସିହାରେ ବାଲେଶ୍ୱରର ରେମୁଣା ନିକଟ ମୟୂର ଗାଁରେ । ଆମେ ତାକୁ ଏବେ କହୁଛେ ମରେଇ ଗାଁ । ସେ ବିଦାୟ ନେଲେ ୭୫ ବର୍ଷ ବୟସରେ ୧୪୦୦ ମସିହାରେ ଢ଼େଙ୍କାନାଳର କପିଳାସରେ ଥିବା ବ୍ରହ୍ମଚରୀ ଆଶ୍ରମରେ । ପୁରୀ ଗୋବର୍ଦ୍ଧନ ପୀଠର ସେ ଥିଲେ ଶଙ୍କରାଚର୍ଯ୍ୟ । ଭାଗବତର ଟୀକାରେ ସେ ଜ୍ଞାନ ଓ ଭକ୍ତିକୁ ସମାନ ମର୍ଯ୍ୟାଦା ଦେଇ ଏକ ସମୀକରଣର ମୂଳଦୁଆ ପକାଇଥିଲେ । ପୁରୀ ଶଙ୍କରପନ୍ଥୀ ସନ୍ନ୍ୟାସୀଙ୍କୁ ତାହା ଅକଡ଼ିଆ ଲାଗିଲା । ଅଦ୍ୱୈତରେ ଭକ୍ତି..! ତାଙ୍କର ହଜମ ହେଲାନି । ବିତର୍କ ହେଲା । ଶେଷରେ ନିଷ୍ପତ୍ତି ହେଲା ଟୀକାର ଆଭିମୁଖ୍ୟ ଠିକ୍ ନାଁ ଭୁଲ, ମହାପ୍ରଭୁଙ୍କ ଉପରେ ଛାଡ଼ି ଦିଆଯାଉ । ଅନ୍ୟମାନେ ବି ଟୀକା ଲେଖିଥିଲେ । ସବୁଟୀକା ସିଂହାସନରେ ରଖାଗଲା । ରାଜାଙ୍କ କାନକୁ ଏ କଥା ଯାଇଥିଲା ବୋଲି ଲୋକକଥା ଅଛି । ସକାଳେ ଦେଖାଗଲା ଶ୍ରୀଧରସ୍ୱାମୀଙ୍କ ପୋଥିଟି ସିଂହାସନରେ ଅଛି । ଅନ୍ୟସବୁ ସ୍ଥାନାନ୍ତର ହୋଇଯାଇଛି ।

ଏହି ଐତିହ୍ୟ ବିଦ୍ୟାନଗରୀ କାଶୀରେ ପହଞ୍ଚିଥିଲା । ଶ୍ରୀରାମତେଜ ଶାସ୍ତ୍ରୀ ପାଣ୍ଡେଙ୍କ ସଂପାଦକୀୟରେ ଭାବାର୍ଥ ଦୀପିକା ଯେତେବେଳେ ପ୍ରକାଶିତ ହୋଇଥିଲା, ସେ ଲେଖିଦେଲେ 'ଶ୍ରୀଧରସ୍ୱାମୀ କୃତେୟଂ ଟୀକା ଭଗବତଃ କ୍ରୋଡେ ଲବ୍‌ଧାସନା ଆସୀତ୍ । ଆମେ ଶ୍ରୀଧରସ୍ୱାମୀ ଓ ତାଙ୍କ ଟୀକା ପ୍ରତି ଖୁବ୍ ଉଦାସୀନ ଦେଇଯାଇଛେ ନାଁ ସତରେ !!! ଆମ ଉଦାସୀନତା ଯୋଗୁଁ ଜାତୀୟ ସ୍ତରରେ ସଂସ୍କୃତ ସାହିତ୍ୟ ଇତିହାସରେ ଯଥାଯୋଗ୍ୟ ସ୍ଥାନ ଆଜି ବି ପାଇଲା ପରି ଲାଗେ ନାହିଁ । ●

ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଐତିହ୍ୟ ବିଶାରଦ (ଦୋଳମଣ୍ଡପ ସାହି), ପୁରୀ-୧



ତା ୧୯.୯.୨୨ରେ ନୀଳାଦ୍ରି ଭକ୍ତନିବାସ ଠାରେ
ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ ଚିକିତ୍ସା ଶିବିର

# ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା...













# ଫଟୋରେ ଖବର ...



ତା. ୭.୯.୨୨ରେ ସୁନିଆଁ ପରିପ୍ରେକ୍ଷୀରେ ଶ୍ରୀନହରରେ
ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଭିଷେକ



ତା. ୧୬.୯.୨୨ରେ ଉଚ୍ଚତମ ନ୍ୟାୟାଳୟର ବିଚାରପତି
ଶ୍ରୀଯୁକ୍ତ ଡ଼ି. ୱାଇ ଚନ୍ଦ୍ରଚୂଡ଼ ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା
ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ ସହ ଶ୍ରୀମନ୍ଦିରରୁ
ଶ୍ରୀବିଗ୍ରହଙ୍କ ଦର୍ଶନ ସାରି ଫେରୁଛନ୍ତି



ତା. ୧୭.୯.୨୨ରେ ଉଚ୍ଚତମ ନ୍ୟାୟାଳୟର ମାନ୍ୟବର ମୁଖ୍ୟ
ବିଚାରପତି ଶ୍ରୀଯୁକ୍ତ ଉଦୟ ଉମେଶ ଲଳିତ ଶ୍ରୀମନ୍ଦିରରୁ
ଶ୍ରୀବିଗ୍ରହଙ୍କ ଦର୍ଶନ ସାରି ଫେରୁଛନ୍ତି



ତା. ୧୭.୯.୨୨ରେ ଶ୍ରୀମନ୍ଦିରରେ ସହସ୍ରାକୁମ୍ଭାଭିଷେକ
ପରିପ୍ରେକ୍ଷୀରେ ଶ୍ରୀନହରରେ ବରଣ କରାଯାଇଥିବା
ବ୍ରାହ୍ମଣମାନେ



ତା. ୨୧.୯.୨୨ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ
ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ
ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଆହୂତ 'ନୀତି ସବ୍-କମିଟି' ବୈଠକ



ତା. ୨୧.୯.୨୨ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ
ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ
ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଆହୂତ
'ଛତିଶା ନିଯୋଗ' ବୈଠକ

# ବଡ଼ ଦେଉଳରେ ରାମ ତିଳକ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବଡ଼ ଦେଉଳ ସାମ୍ନାରେ ବଡ଼ଦାଣ୍ଡରେ ଠିଆ ହୋଇ ନୀଳଚକ୍ରକୁ ଚାହିଁଲେ ଅଁଳାବେଢ଼ ଉପରେ ଥିବା ଦଧିନଉତି ଦେହରେ ସୁନ୍ଦର ରାମାନନ୍ଦି ଚିତାଟିଏ ଦେଖାଯାଏ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସଂପର୍କରେ ଅନଭିଜ୍ଞ ଯାତ୍ରୀଟିଏ ହୁଏତ ଭାବିପାରେ ରାମତିଳକ ଥିବା ମନ୍ଦିରରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ପୂଜା ପାଉଛନ୍ତି । ଏମିତି ଦେଖିବାକୁ ଗଲେ ମେଘନାଦ ପାଚେରୀ ବେଢ଼ା ଭିତରେ ଏକାଧିକ ଶ୍ରୀରାମ ମନ୍ଦିର ରହିଛି । ଶ୍ରୀମନ୍ଦିରର ଚାରିଦ୍ୱାରରେ ଚାରି ମହାବୀର ଦ୍ୱାରପାଳ ସାଜି ଜଗି ରହିଛନ୍ତି । ତା'ଛଡ଼ା ବାରଭାଇ ହନୁମାନ, ମହାଲକ୍ଷ୍ମୀଙ୍କ ମନ୍ଦିରରେ ଶିରୁଳି ମହାବୀର ମଧ୍ୟ ପୂଜା ପାଉଛନ୍ତି । ଦକ୍ଷିଣ ପାର୍ଶ୍ୱରେ ଥିବା ଭବ୍ୟ ଶ୍ରୀରାମ ମନ୍ଦିରରେ ଲଙ୍କା ଆଡ଼କୁ ମୁଖ କରି ବସିଛନ୍ତି ଅଙ୍ଗଦ, ହନୁମାନ, ନଳ, ନୀଳ, ସୁଷେଣ, ଜାମ୍ବବ ଆଦି ଅଷ୍ଟ ମହାବୀର । ରତ୍ନସିଂହାସନରେ ଗମ୍ଭୀରାରେ ପୂଜା ପାଉଥିବା ମହାପ୍ରଭୁଙ୍କୁ ଦର୍ଶନ ନ କରି ବାହାରୁ ଏ ସବୁ ଦେଖି ଜଣେ ବାହାର ପର୍ଯ୍ୟଟକ ନିଶ୍ଚୟ ବିଶ୍ୱାସ କରିବ ଗମ୍ଭୀରାରେ ଶ୍ରୀରଘୁନାଥ ବସି ପୂଜା ପାଉଛନ୍ତି । ଏହିପରି ବିଶ୍ୱାସର ବଶବର୍ତ୍ତୀ ହୋଇ ସନ୍ଥ ତୁଳସୀ ଦାସ କାଶୀଧାମରୁ ପୁରୀକୁ ଆସିଥିଲେ । ସେତେବେଳେ ଯାନବାହାନ ସୁଲଭ ନ ଥିଲା । ଜଣେ ସନ୍ଥ ମହାପୁରୁଷ ପଦଯାତ୍ରାରେ ବାହାରିଲେ ଶ୍ରୀକ୍ଷେତ୍ରକୁ ଆସିବା ପାଇଁ । ବାଟରେ ବହୁ ନଦୀନାଳ ବଣ ଜଙ୍ଗଲ ପାରହୋଇ ଦୀର୍ଘ ଦିନ ପରେ ଆସି ପହଞ୍ଚିଲେ ସମଙ୍ଗରା ପାଟ ପାଖରେ । ସମଙ୍ଗରା ପାଟ ଗୋଟିଏ ଛୋଟ ହ୍ରଦ । ସେ ହ୍ରଦ ପାର ହେବାକୁ ହେଲେ ପାଣିରେ ଚାଲି ଚାଲି ଯିବାକୁ ହେବ । ବହୁ କଷ୍ଟରେ ସମଙ୍ଗରା ପାଟ ପାରହୋଇ ତୁଳସୀ ଦାସ ପହଞ୍ଚିଲେ ବଡ଼ ଦେଉଳରେ । ମନେ ମନେ ଭାବିଥିଲେ ରତ୍ନସିଂହାସନରେ ସେ ଆପଣାର ଇଷ୍ଟ ଦେବତାଙ୍କୁ ଦର୍ଶନ କରି ଧନ୍ୟ ହେବେ । ମାତ୍ର ଏ କ'ଣ ଦେଖୁଛନ୍ତି ଶ୍ରୀରାମ ଭକ୍ତ ସନ୍ଥ ତୁଳସୀ ଦାସ ! ରତ୍ନ ସିଂହାସନରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଭାଇଭଉଣୀଙ୍କ ସହିତ ବିଜେ ହୋଇଛନ୍ତି । ତାଙ୍କ ମନ ଭାଙ୍ଗିଗଲା । ସେ ଆସି ଭୁଲ ସ୍ଥାନରେ ପହଞ୍ଚିଯାଇଛନ୍ତି । ଏଠାରେ ଅନ୍ନଜଳ ସେ ତ ଗ୍ରହଣ କରିପାରିବେ ନାହିଁ । ଶୀଘ୍ର ଏ ସ୍ଥାନ ଛାଡ଼ି ଚାଲିଯିବାକୁ ହେବ । ମହାପ୍ରଭୁଙ୍କ ଠାରୁ ମୁହଁ ବୁଲାଇ ସନ୍ଥ ତୁଳସୀ ଦାସ ଦ୍ରୁତ ଗତିରେ ଚାଲି ଚାଲି ଯାଇ ସମଙ୍ଗରା ପାଟ ଆରପାଖେ ତୁଳସୀଚଉରା ଘାଟରେ ପହଞ୍ଚିଗଲେ । ସେତେବେଳକୁ ସଂଧ୍ୟା ଆଗତ ପ୍ରାୟ । ଆଜି ରାତିଟା ଏଇଠି କଟାଇଦେଇ ତା ପରଦିନ ସକାଳୁ କାଶୀଧାମ ଅଭିମୁଖେ ଚାଲିଯିବାକୁ ହେବ । ଏହି ସମୟରେ ଦେଖିଲେ ତାଙ୍କ ସାମ୍ନାରେ ଠିଆ ହୋଇଛନ୍ତି ଜଣେ ଯୁବ ସେବାୟତ । ହାତରେ ମହାପ୍ରଭୁଙ୍କ ଶ୍ରୀମହାପ୍ରସାଦ । ଗରମ ଗରମ ଅନ୍ନ, ଡାଲି, ମହୁର, ବେଶର, ଖିରି, ଖେଚୁଡ଼ି ଦେହରୁ ବାମ୍ଫ ବାହାରୁଛି । ଶ୍ରୀମହାପ୍ରସାଦ ମହକରେ ମନପ୍ରାଣ ପୂରି ଯାଉଛି । ଯୁବ ସେବାୟତ କହିଲେ ଗୋସେଇଁ ଆପଣେ ସକାଳୁ ଉପାସରେ ଅଛନ୍ତି । ଗରମ ଗରମ ଶ୍ରୀମହାପ୍ରସାଦ ଟିକିଏ ପାଇ ଦିଅନ୍ତୁ । ଦୁର୍ବଳତା ରହିବ ନାହିଁ । ତୁଳସୀ ଦାସ ପଚାରିଲେ ଶ୍ରୀମହାପ୍ରସାଦ ? କେଉଁ ଦେବତାଙ୍କର ? ଯୁବ ସେବାୟତ କହିଲେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର । ଯାହାଙ୍କ କନ୍ଧରେ ତୂଣୀର ଏବଂ ହାତରେ କୋଦଣ୍ଡ ଧନୁ ନାହିଁ ତାଙ୍କୁ ମୁଁ ମୋର ଇଷ୍ଟ ଦେବତା ରୂପେ ମାନେ ନାହିଁ । ତାଙ୍କ ମହାପ୍ରସାଦ ପାଇବି କିପରି ? ଯୁବ ସେବାୟତ ମୁଖରେ ଆଶ୍ଚର୍ଯ୍ୟଭାବ ଦେଖାଇ କହିଲେ ଆପଣ ସନ୍ଥ ତୁଳସୀ ଦାସ ମହାରାଜ ଟି ? ଶ୍ରୀରାମ ଚରିତ ମାନସରେ ପରଂବ୍ରହ୍ମ ପରମାତ୍ମାଙ୍କର ରୂପ ବର୍ଣ୍ଣନା କରି ଆପଣ ପରା ଲେଖିଛନ୍ତି,



'ବିନୁପଦ ଚଲଇ ଶୁନଇ ବିନୁ କାନା
କର ବିନୁ କରମ କରଇ ବିଧି ନାନା
ଆନନ ରହିତ ସକଲ ରସଭୋଗୀ
ବିନୁ, ବାନି ବକତା ବଡ଼ଯୋଗୀ ....'

ପରଂବ୍ରହ୍ମଙ୍କ ରୂପ ଏପରି ବର୍ଣ୍ଣନା କରିଥିବା ସନ୍ଥ ମହାପୁରୁଷ ରତ୍ନସିଂହାସନରେ ବିଜେ ହୋଇଥିବା ପରମାତ୍ମାଙ୍କ ହାତରେ ଧନୁଶର ଖୋଜୁଛନ୍ତି ? ତାଙ୍କ ଚରଣ କମଳ ଦର୍ଶନ କରିବାକୁ ଚାହୁଁଛନ୍ତି ? ମୁଁ ଛାର ବାଳକଟିଏ । ମହାତ୍ମାଙ୍କୁ ବୁଝାଇବା ପାଇଁ ବୁଦ୍ଧି ମୋର ନାହିଁ । ଚାଲିଲି । ଏହା କହି ବାହାରନ୍ତେ ସନ୍ଥ ତୁଳସୀ ଦାସ ଯୁବକଙ୍କ ହାତ ଧରି ତାଙ୍କ ସାଥିରେ ଶ୍ରୀକ୍ଷେତ୍ର ଅଭିମୁଖେ ଚାଲିଲେ । ଗଲାବେଳକୁ ବଡ଼ ଦେଉଳରେ ମହାପ୍ରଭୁ ବଡ଼ସିଂହାର ବେଶରେ ବସିଛନ୍ତି । ଘଣ୍ଟ ଘଣ୍ଟା ମର୍ଦ୍ଦଳ କାହାଳୀ ଶବ୍ଦ ସହିତ ଶୁଣାଯାଉଛି ମହାପ୍ରଭୁଙ୍କର ଜୟଗାନ । ମର୍ଦ୍ଦଳ ବାଦକ ହାତରୁ ମର୍ଦ୍ଦଳ ଆଣି ଆପଣା କାନ୍ଧରେ ପକାଇ ସନ୍ଥ ତୁଳସୀ ଭାବବିହ୍ୱଳ ହୋଇ ବାଦ୍ୟ ବଜାଇ ନାଚି ଗାଇଲେ-

'ଜୟ ଜଗଦୀଶା, ଜୟ ଜୟ ଜଗଦୀଶା । ଯୋଇ ରାମ ସୋଇ ଜଗଦୀଶା ।।'

ରତ୍ନ ସିଂହାସନରେ ବିଜେ କରିଥିବା ତ୍ରିମୂର୍ତ୍ତିଙ୍କୁ ସେ ଦର୍ଶନ କରୁଥିଲେ ଶ୍ରୀରାମ, ଲକ୍ଷ୍ମଣ, ସୀତା ରୂପରେ ।

*ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*
● *ମଂଗଳାଘାଟ ରୋଡ଼, ପୁରୀ-୧*

## ଅକ୍ଟୋବର ମାସର ବିଶିଷ୍ଟ ଦିବସ

| | |
|---|---|
| ତା ୧.୧୦.୨୨ ରିଖ ଶନିବାର | ଶ୍ରୀମନ୍ଦିରରେ ମହାସପ୍ତମୀ |
| ତା ୨.୧୦.୨୨ ରିଖ ରବିବାର | ଶ୍ରୀମନ୍ଦିରରେ ମହାଅଷ୍ଟମୀ |
| ତା ୩.୧୦.୨୨ ରିଖ ସୋମବାର | ଶ୍ରୀମନ୍ଦିରରେ ମହାନବମୀ |
| ତା ୫.୧୦.୨୨ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଦଶହରା ଓ ଆୟୁଧ ପୂଜା |
| ତା ୬.୧୦.୨୨ ରିଖ ଗୁରୁବାର | ଶ୍ରୀବିଗ୍ରହଙ୍କ ରାଧାଦାମୋଦର ବେଶ ଓ ବାଲଧୂପ ଆରମ୍ଭ |
| ତା ୯.୧୦.୨୨ ରିଖ ରବିବାର | ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ଓ ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ |
| ତା ୧୭.୧୦.୨୨ ରିଖ ସୋମବାର | ଗର୍ଭଣା ସଂକ୍ରାନ୍ତି |
| ତା ୨୧.୧୦.୨୨ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ରମା ଏକାଦଶୀ |
| ତା ୨୫.୧୦.୨୨ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଅମାବାସ୍ୟା ଓ ସାଗର ବିଜେ |

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri
@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri ମୂଲ୍ୟ : ଦୁଇଟଙ୍କା ମାତ୍ର